



### ଭେଷଜ ବିଜ୍ଞାନର ଜାତୀୟ ସଂଗୋଷ୍ଠୀ

# ପାର୍ଶ୍ୱପ୍ରତିକ୍ରିୟା ବିହୀନ ଔଷଧ ପ୍ରସ୍ତୁତି ବିରାଟ ଆହ୍ୱାନ

ପୁରୀ,୨୧।୧୨(ସମିସ)



ଅନ୍ୟତମ ପୁରାତନ ଫାର୍ମାସୀ ଶିକ୍ଷାନୁଷ୍ଠାନ ଆଇଏମ୍‌ଟି ଫାର୍ମାସୀ କଲେଜରେ ଶନିବାର ଭେଷଜ ବିଜ୍ଞାନର ୧୪ତମ ଜାତୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପାଳପୁରସ୍ଥିତ କଲେଜ ପ୍ରେକ୍ଷାଳୟରେ 'ଗୁଣବତ୍ତାପୂର୍ଣ୍ଣ ଜୀବନ ପାଇଁ ଦୃଢ ଓ ନୂତନ ପ୍ରଚେଷ୍ଟା ବର୍ତ୍ତମାନ ସମୟରେ ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ରରେ ଓଡିଶା ତଥା ଅନ୍ୟ ରାଜ୍ୟରୁ ପାଞ୍ଚଶହରୁ ଅଧିକ ଫାର୍ମାସୀ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସାଇପେନ ବାୟୋଲୋଜିକ୍ସର ସଭାପତି ରଜତ କୁମାର ମହାପାତ୍ର ଯୋଗଦେଇ ଓଡିଶାର ଔଷଧ ତିଆରି ଶିଳ୍ପ ପ୍ରତିଷ୍ଠା ହାର ଅତ୍ୟନ୍ତ ନଗଣ୍ୟ। ଆଗାମୀ ଦିନରେ ଅଧିକ ଔଷଧ କମ୍ପାନି ପ୍ରତିଷ୍ଠା ହେଲେ ଓଡିଶାର ଫାର୍ମାସୀ ଛାତ୍ରଛାତ୍ରୀମାନେ ନିଜ ରାଜ୍ୟରେ ନିଯୁକ୍ତିର ସୁଯୋଗ ପାଇବେ। ତେବେ ପାଶ୍ୱର୍ ପ୍ରତିକ୍ରିୟା ବିହୀନ ଔଷଧ ପ୍ରସ୍ତୁତି ଆମ ପାଇଁ ବିରାଟ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ ରଥ ପୌରୋହିତ୍ୟ କରିଥିଲେ । ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ ଓ ଅଧ୍ୟାପକ ଜଗନ୍ନାଥ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଚାରିଗୋଟି ଅଧିବେଶନରେ ଔଷଧ ତିଆରି, ପାର୍ଶ୍ୱ ପ୍ରତିକ୍ରିୟା ଓ ବିଶ୍ୱ ବଜାରରେ ଭାରତୀୟ ଔଷଧର ପ୍ରସାର ସମ୍ବନ୍ଧରେ ବିଷୟ ବକ୍ତା ସିଆଇଏସ୍‌ଆର ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାପିକ ଡ. ଶିଶିର ମନ୍ତ୍ରୀ, କୋଲକାତା ନାଇପ୍‌ରର ପ୍ରାଧ୍ୟାପକ ଡ. ସାରଦା ପ୍ରସାଦ ସ୍ୱାଇଁ, ଜୀବ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଶାନ୍ତିଭୂଷଣ ସେନାପତି, ଭୁବନେଶ୍ୱର ନାଇଜରର ପ୍ରାଧ୍ୟାପକ ଡ. ଭି. ବଦ୍ରୀନାଥ କୋଙ୍କିମାଲା ସାରଗର୍ଭକ ମନ୍ତବ୍ୟ ରଖିଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀ ଔଷଧ ଓ ରୋଗ ସମ୍ବନ୍ଧୀୟ ପୋଷ୍ଟର ଉପସ୍ଥାପନ କରି ବୁଝାଇଥିଲେ। ସର୍ବଶେଷ୍ଠ ପ୍ରଦର୍ଶନ ପାଇଁ ତିନି ଜଣଙ୍କୁ ପୁରସ୍କୃତ କରଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥଙ୍କ ମାର୍ଗଦର୍ଶନରେ ନିର୍ଦ୍ଦେଶକ ଦେବସ୍ମିତା ରଥ, ନିର୍ଦ୍ଦେଶକ ଡ. ପ୍ରକାଶ ସେନାପତି, ଉପାଧ୍ୟକ୍ଷ ଦେବାଶିଷ ମିଶ୍ର, ବିଭାଗ ମୁଖ୍ୟ ସମୀର ପାତ୍ରଙ୍କ ସମେତ ଅନ୍ୟ ଅଧ୍ୟାପକ, କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଠାଧୀଶଙ୍କ ଦାବିକୁ ସମର୍ଥନ କଲା ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ

ପୁରୀ,୨୧।୧୨(ସମିସ): ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକର ମଠାଧୀଶମାନେ ବିଜେସ୍ଥଳୀକୁ ମଠ ନାଁରେ ରେକର୍ଡ କରିବା ପାଇଁ ଦାବି କରିଛନ୍ତି। ଏଥିପାଇଁ ସେମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ୭ ଦିନ ମଧ୍ୟରେ ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଆସନ୍ତା ୨୭ ତାରିଖଠାରୁ ସିଂହଦ୍ୱାର ସମ୍ମୁଖ ଏମାର ମଠ ଚକଡ଼ାରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ମଠାଧୀଶମାନଙ୍କ ଏହି ଦାବିକୁ ସମର୍ଥ କରିଛନ୍ତି ଓଡ଼ିଶା ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓ ଓଡ଼ିଶା ଯୁବ ଚେତନା ସଙ୍ଗଠନ। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ଶହ ଶହ ବର୍ଷ ଧରି ଶ୍ରୀକ୍ଷେତ୍ରର ମଠମାନେ ଗରିବଙ୍କୁ ବିଦ୍ୟାଦାନ ଓ ଅନ୍ନଦାନ କରି ଆସୁଛନ୍ତି। ସେମାନେ ଶ୍ରୀଜଗନ୍ନାଥ ମନ୍ଦିରର ବିକାଶ ଓ ସୁରକ୍ଷା ସହ ନୀତି ପରିଚାଳନାରେ ସହଯୋଗ କରନ୍ତି। ସେମାନଙ୍କ ଦାନରେ ପ୍ରତିଷ୍ଠା ହୋଇଛି ହସ୍ପିଟାଲ, ବିଦ୍ୟାଳୟ ଓ ମହାବିଦ୍ୟାଳୟ। ସେମାନଙ୍କ ତ୍ୟାଗରେ ନିର୍ମାଣ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ବିଗତ ରାଜ୍ୟ ସରକାର ଗୋବର୍ଦ୍ଧନ ମଠ ନାଁରେ ଜମି କରିଛନ୍ତି। ସେହି ନ୍ୟାୟରେ ଏଯାଏ ଅନ୍ୟ ମଠର ବିଜେସ୍ଥଳୀକୁ ମଠ ନାମରେ ରେକର୍ଡ କରାଯାଇନାହିଁ। ଏଭଳି ଏକ ସ୍ୱର୍ଶକାତର ଦାବି ନେଇ ମଠାଧୀଶମାନେ ଅନଶନରେ ବସିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏହା ନିଶ୍ଚିତ ଆମ ଧର୍ମ, ସଂସ୍କୃତି ସୁରକ୍ଷା ପ୍ରତି ତାତ୍ସଲ୍ୟକର ଘଟଣା। ମଠାଧୀଶଙ୍କ ଦାବିକୁ ଆମେ ସମର୍ଥନ କରୁଛୁ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ସକରାତ୍ମକ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ର ନିବେଦନ କରିଛନ୍ତି।

● ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୧।୧୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ବିଳମ୍ବ ହୋଇଛି। ପହିଲି ଭୋଗ ଚାଲିଥିବା ବେଳେ ଶନିବାର ରାତି ୩ଟା ୨୦ରେ ଦ୍ୱାର ଫିଟିଥିଲା। ଭୋର ୪ଟା ୧୫ରେ ମଙ୍ଗଳ ଆଳତି ବଢି ଅନ୍ୟାନ୍ୟ ନୀତି ଚାଲିଥିଲା। ରାତି ୮ଟା ୫ରେ ସନ୍ଧ୍ୟା ଧୂପ ପୂଜା ବସିଥିଲା। ସନ୍ଧ୍ୟା ଧୂପ ସରିବା ପରେ ରାତି ପ୍ରାୟ ୯ଟାରେ ଭକ୍ତମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଜଣେ ଛୋଟପିଲା ଭିତରକାଠରେ ବାନ୍ତି କରିଦେଇଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ବଢିବା ପରେ ପୁନଶ୍ଚ ଯେଉଁଠି ନୀତି ଆରମ୍ଭ ହୋଇଥିଲା ସେହିଠାରୁ ପୁଣି ନୀତି ଚାଲିଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବନ୍ଦ ରହିଥିଲା। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଛି।

## ତୀର୍ଥଯାତ୍ରାରେ ଯିବେ ୧୨୭ ବରିଷ୍ଠ ନାଗରିକ

ପୁରୀ,୨୧।୧୨(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଯାତ୍ରୀ ସିରିଡି ଓ ନାସିକ ଗସ୍ତରେ ଯିବେ। ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶନିବାର ସର୍କିଟ ହାଉସ୍‌ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଅନ୍‌ଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା ଓ ୪୭୫ ଜଣ ଏକକ ଓ ଦମ୍ପତି ଆବେଦନ କରିଥିଲେ ବୋଲି ସୂଚନା ଦେଇଥିଲେ। ଏହି ଆବେଦନକାରୀଙ୍କୁ କମ୍ପ୍ୟୁଟର ଲଟେରୀ ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ସିରିଡି ଓ ନାସିକକୁ ଜାନୁଆରୀ ୧୭ରୁ ୨୨ ତାରିଖ ପଠାଯିବ।

ରାଣ୍ଡେମାଇଜେଶନରେ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ। ଜାନୁଆରୀ ୧୬ ତାରିଖରେ ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ୧୭ ତାରିଖରୁ ଯାତ୍ରା ଆରମ୍ଭ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରାଣ୍ଡେମାଇଜେସନ କରାଯାଇ ୧୨୭ ଜଣଙ୍କୁ ଅଯୋଧ୍ୟା ଓ ବନାରସ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ଯାଇଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ ନାହିଁ ବୋଲି ପର୍ଯ୍ୟଟନ ଅଧିକାରୀ ସ୍ପଷ୍ଟ କରିଦେଇଥିଲେ। ଏହି ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖେଳାଳିଙ୍କ ଭବିଷ୍ୟତ ସହ ଖେଳ

ପୁରୀ,୨୧।୧୨(ସମିସ)

ଜଣେ ମହିଳା ମୁଷ୍ଟିଯୋଦ୍ଧା ଖେଳାଳିଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଇଛି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ସେ ରାଜ୍ୟପାଳ ଏବଂ କ୍ରୀଡ଼ାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସମ୍ପୃକ୍ତ ମହିଳା ମୁଷ୍ଟିଯୋଦ୍ଧା ହେଲେ ସୁରଜମଲ ସାହା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ସ୍ନାତକୋତ୍ତର ଛାତ୍ରୀ ରଶ୍ମିତା ମୁଦୁଲି। ସେ ଅଭିଯୋଗ କରିଛନ୍ତି ଯେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ମୁଷ୍ଟିଯୁଦ୍ଧ-୨୦୨୪ ପ୍ରତିଯୋଗିତାରେ

### ରାଜ୍ୟପାଳ ଓ କ୍ରୀଡ଼ାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ

ଅଂଶଗ୍ରହଣ ନିମନ୍ତେ ଗତ ନଭେମ୍ବର ୨୮ ତାରିଖରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଇଣ୍ଟର କଲେଜ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ୪୮ରୁ ୫୦ କେଜି ଓଜନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଶୋ ବାଉଟ୍ ଦେଇ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। କିନ୍ତୁ ତାଙ୍କ ଚୟନ ଜାତୀୟ ପ୍ରତିଯୋଗିତା ପାଇଁ ହୋଇନାହିଁ ବୋଲି ରଶ୍ମିତାଙ୍କୁ ୧୪ ତାରିଖ ଦିନ ଜଣାଇ ଦିଆଗଲା। କିନ୍ତୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ୪୮ରୁ ୫୦ କେଜି ବର୍ଗରେ ତାଙ୍କ ନାମ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ରହିଥିଲା।

ରଶ୍ମିତା ଅଭିଯୋଗ କରିଛନ୍ତି ଯେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ନ ଥିବା ସଂକ୍ରାନ୍ତରେ ପରିଷଦ ସହିତ ଯୋଗାଯୋଗ କରିବାରୁ ତାଙ୍କୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ସେ ଜାଣିବାକୁ ପାଇଥିଲେ ଯେ ଗତ ୧୮ ତାରିଖରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗିତା ପାଇଁ ତାଙ୍କ ନାମ ୪୮ରୁ ୫୦ କେଜି ବର୍ଗରେ ତାଲିକାଭୁକ୍ତ ହୋଇଛି। ଏହାକୁ ନେଇ ସେ ମାନସିକସ୍ତରରେ ଭାଙ୍ଗି ପଡିଛନ୍ତି। ଯଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚନା କରାଯାଇ ନ ଥିଲା ତେବେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ତାଙ୍କ ନାମ କାହିଁକି ପଠାଗଲା? ଯଦି ସେ ଯୋଗ୍ୟ ତେବେ ପ୍ରତିନିଧିତ୍ୱ କରିବାର ସୁଯୋଗ କାହିଁକି ଦିଆଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ରଶ୍ମିତା। ତେଣୁ ନ୍ୟାୟ ପାଇଁ ସେ ରାଜ୍ୟପାଳ ରଘୁବର ଦାସ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

### ଓଜନରେ ଗ୍ରାହକଙ୍କୁ ଠକୁଥିଲେ

## ଖଜା ବ୍ୟବସାୟୀଙ୍କୁ ୧୩ ହଜାର ଟଙ୍କା ଜରିମାନା

ପୁରୀ,୨୧।୧୨(ସମିସ)




ଓଜନରେ ଗ୍ରାହକଙ୍କୁ ଠକୁଥିଲେ ଖଜା ବ୍ୟବସାୟୀ। ଏମିତି ଅଭିଯୋଗ ବାରମ୍ବାର ଆସିବା ପରେ ତତ୍ପରତା ଦେଖାଇଥିଲା ଓଜନ ମାପ ବିଭାଗ। ଗତ ଗୁରୁବାର ବଡ଼ଦାଣ୍ଡରେ ଥିବା ଖଜା ବ୍ୟବସାୟୀଙ୍କ ଉପରେ ଚଢଉ କରାଯାଇ ୮ଟି ମାମଲା ରୁଜୁ ହେବା ସହ ୧୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

ପୁରୀ ଖଜା ପ୍ରତି ସମସ୍ତଙ୍କର ବିଶେଷ ରୁଚି ରହିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ପୁରୀରୁ ଫେରିବା ବେଳେ ସାଥୀରେ ଯାହା ନିଅନ୍ତୁ ବା ନ ନିଅନ୍ତୁ କିନ୍ତୁ ଖଜା ନେବାକୁ ଭୁଲନ୍ତି ନାହିଁ। ଅଧିକାଂଶ ଭକ୍ତ, ପର୍ଯ୍ୟଟକ ଖଜା କିଣି ଘରକୁ ନିଅନ୍ତି। ମହାପ୍ରଭୁଙ୍କ ଶୁଖିଲି ଭୋଗ ମଧ୍ୟରେ ଖଜାର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। ତେଣୁ ଭକ୍ତଙ୍କ ବିଶ୍ୱାସ ଏବଂ ଖଜାର ସ୍ୱାଦ ଦୃଷ୍ଟିରେ ପୁରୀର ବିଭିନ୍ନ ଗଳିକନ୍ଦି ଏବଂ ପ୍ରମୁଖ ବଜାରରେ ଖଜା ବିକ୍ରି ହେଉଛି। ଶ୍ରୀମନ୍ଦିର ଚତୁଃପାଶ୍ୱର୍ ଏବଂ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି ଖଜା। ହେଲେ କିଛି ମୁନାଫାଖୋର ବ୍ୟବସାୟୀ ଅଧିକ ଲାଭ ଆଶାରେ ଭକ୍ତଙ୍କ ଭାବନା ସହ ଖେଳୁଛନ୍ତି। ଖଜାରେ ଅପମିଶ୍ରଣ କରାଯାଉଥିବା ବେଳେ ବିଭିନ୍ନ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଏହା ତିଆରି କରାଯାଉଥିବା ଖବର ମଧ୍ୟ ଆସୁଛି। ଧୀରେ ଧୀରେ ଖଜାର ମାନ କମୁଥିବା ବେଳେ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଓଜନରେ ବି ଠକୁଥିବା ଘଟଣା ପଦାକୁ ଆସିଛି। ଡିଜିଟାଲ ଓଜନ ମାପକ୍ ଯନ୍ତ୍ରରେ ବଡ ଠକେଇ କରାଯାଉଛି। ଓଜନରେ ଏକ କିଲୋ ନେବେ ବାସ୍ତବରେ ଲୋକେ ପାଉଛନ୍ତି ୬୫୦ ଗ୍ରାମ। ଠାକୁରଙ୍କ ଭୋଗ କହି ଅଧିକ ଲାଭ ଆଶାରେ ଆଗନ୍ତୁକଙ୍କ ଆସ୍ଥା ସହ ଖେଳ ଖେଳୁଛନ୍ତି କିଛି ଅସାଧୁ ବ୍ୟବସାୟୀ। ନିକଟରେ ଡିଜିଟାଲ ଓଜନ ମାପକ ଯନ୍ତ୍ରର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହା ସ୍ପଷ୍ଟ କରିଥିଲା ଯେ କିଛି ଲାଭଖୋର ବ୍ୟବସାୟୀ ମେସିନ ଟ୍ୟାମ୍ପରିଂ କରି ଲୋକଙ୍କୁ ପ୍ରତି କିଲୋରେ ୩୫୦ ଗ୍ରାମରୁ ୫୦୦ ଗ୍ରାମ ପର୍ଯ୍ୟନ୍ତ ଠକୁଛନ୍ତି। ଏ ନେଇ ଓଜନ ମାପ ବିଭାଗ ପାଖରେ ଅଭିଯୋଗ ମଧ୍ୟ ହୋଇଥିଲା।

ଏହି ଅଭିଯୋଗକୁ ଭିତ୍ତି କରି ଗତ ଗୁରୁବାର ପୁରୀ ଓଜନ ମାପ ବିଭାଗ ପକ୍ଷରୁ ଉପନିୟନ୍ତ୍ରକଙ୍କ ନେତୃତ୍ୱରେ ବଡ଼ଦାଣ୍ଡରେ ଖଜା ବିକୁଥିବା ବ୍ୟବସାୟୀଙ୍କ ଉପରେ ଚଢଉ କରାଯାଇଥିଲା। ଉପନିୟନ୍ତ୍ରକ ପ୍ରଗତି ନାୟକ, ସହକାରୀ ନିୟନ୍ତ୍ରକ ଅକ୍ଷୟ କୁମାର ଭୋଇ, ଇନ୍ସପେକ୍ଟର ସ୍ୱପ୍ନେଶ୍ୱରୀ ବେହେରାଙ୍କ ସହ ୧୧ ଜଣିଆ ଦଳ ଏହି ଚଢଉରେ ସାମିଲ ଥିଲେ। ଏହି ଚଢଉ ବେଳେ ବ୍ୟବସାୟୀଙ୍କ ଡିଜିଟାଲ ଓଜନ ମେସିନଗୁଡ଼ିକର ଯାଞ୍ଚ ପ୍ରମାଣପତ୍ର ନବୀକରଣ କରାଯାଇ ନ ଥିବା ଜଣାପଡିଥିଲା। ତେଣୁ ୮ଟି କେସ୍ ରୁଜୁ କରାଯାଇ ୧୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏହି ଚଢଉ ଆଗକୁ ମଧ୍ୟ ଜାରି ରହିବ ବୋଲି ଉପନିୟନ୍ତ୍ରକ ପ୍ରଗତି ନାୟକ ସୂଚନା ଦେଇଛନ୍ତି।

### ପୁରୀ ଜିଲ୍ଲାରେ ୪୩.୬୭ ମିଲିମିଟର ବର୍ଷା

## ପିପିଲିରେ ସର୍ବାଧିକ ୭୫ ମିଲିମିଟର ବର୍ଷା ରେକର୍ଡ

ପୁରୀ,୨୧।୧୨(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ପୁରୀ ଜିଲ୍ଲାରେ ଦୁଇଦିନ ହେବ ଲଗାଣ ବର୍ଷା ଜାରି ରହିଛି। ଯଦିଓ ବର୍ଷା ଅଧିକ ପରିମାଣରେ ହେଉନାହିଁ କିନ୍ତୁ ଝିପିଝିପି ଲାଗି ରହିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୪୩.୭୬ ମିଲିମିଟର ବର୍ଷା ହୋଇଛି। ପିପିଲି ବ୍ଲକରେ ସର୍ବାଧିକ ୭୫ ମିଲିମିଟର ବର୍ଷା ହୋଇଥିବା ବେଳେ ସେହିପରି କଣାସରେ ୭୨ମିଲିମିଟର, କୃଷ୍ଣପ୍ରସାଦରେ ୬୭ ମିଲିମିଟର, ଗୋପରେ ୬୬ ମିଲିମିଟର, କୋଣାର୍କ ଏନଏସି ଅଞ୍ଚଳରେ ୬୦ ମିଲିମିଟର, କାକଟପୁରରେ ୩୮ ମିଲିମିଟର, ସତ୍ୟବାଦୀରେ ୩୨ ମିଲିମିଟର, ଡେଲାଙ୍ଗରେ ୨୨ ମିଲିମିଟର, ପୁରୀ ସଦରରେ ୨୧ ମିଲିମିଟର, ଅସ୍ତରଙ୍ଗରେ ୧୨ ମିଲିମିଟର, ବ୍ରହ୍ମଗିରି ବ୍ଲକରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ସର୍ବମୋଟ ୫୨୪ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷାର ପରିମାଣ ୪୩.୬୭ ମିଲିମିଟର ରେକର୍ଡ କରାଯାଇଛି।

## ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ସମୀକ୍ଷା



ପୁରୀ,୨୧।୧୨(ସମିସ)

ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱରରେ ଏହା ଆୟୋଜିତ ହେଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଶନିବାର ସର୍କିଟ ହାଉସରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ, ସ୍ୱଚ୍ଛନ୍ଦ ରହଣୀ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳକୁ ସେମାନେ ପରିଦର୍ଶନ କରିବେ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ, ପାର୍କିଂ, ଶୌଚାଳୟ, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ୍‌ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ। ପ୍ରବାସୀ ଭାରତୀୟମାନଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦି କରାଯାଉଛି। କାର୍ଯ୍ୟ ଅଗ୍ରଗତି ସନ୍ତୋଷଜନକ ଓ ପ୍ରଶାସନ ପ୍ରବାସୀ ଭାରତୀୟଙ୍କ ସୁବିଧା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଲୋକମେଳା ଓ କୃଷିମେଳା ଉଦ୍‌ଘାଟିତ

ପୁରୀ,୨୧।୧୨(ସମିସ)




ଶ୍ରୀକ୍ଷେତ୍ରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଶନିବାରଠାରୁ ଟାଉନ ହଲ୍‌ରେ ୨୨ତମ ଲୋକମେଳା ଏବଂ ୧୫ତମ କୃଷିମେଳା ଆରମ୍ଭ ହୋଇଛି । ଏହି ବର୍ଣ୍ଣାଢ୍ୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ଆୟୋଜକ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, ପ୍ରଶାସନିକ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର, ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଉପାଧ୍ୟକ୍ଷ ଭରତ ନାୟକ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ବିବରଣୀ ଉପସ୍ଥାପନ କରିଥିବା ବେଳେ ମଞ୍ଚ ସଂଚାଳକ ଥିଲେ ଚନ୍ଦ୍ରବିଜୟୀ ମିଶ୍ର।

ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ତଥା ଉତ୍କଳୀୟ ସଂସ୍କୃତିକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାରେ ଲୋକମେଳାର ଅବଦାନ ସ୍ମରଣ ରହିବ। ଭାରତ ବର୍ଷର ବିଭିନ୍ନ ରାଜ୍ୟର କଳାକାରଙ୍କୁ ଆମ ସଂସ୍କୃତି ଓ ଧର୍ମଧାରା ସହ ପରିଚୟ କରାଇବାରେ ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ପଦକ୍ଷେପ ସ୍ୱାଗତଯୋଗ୍ୟ। ରାଜ୍ୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ମତ ବିନିମୟ ମାଧ୍ୟମରେ ପୁରୀ ସଂସ୍କୃତିକୁ ସମୃଦ୍ଧ କରି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଏଥିପାଇଁ ଆକର୍ଷିତ କରିବା କମ୍ କଥା ନୁହେଁ। ଲୋକକଳା ସହ କୃଷିମେଳାର ଆୟୋଜନ କୃଷି ଓ କୃଷକଙ୍କୁ ଉତ୍ସାହିତ କରିବ ନିଶ୍ଚୟ। କଳା, ସଂସ୍କୃତି ଓ ସଙ୍ଗୀତ ଆଦିବାସୀଙ୍କ ସ୍ୱତନ୍ତ୍ରତା। ସେଥିରେ ସେମାନଙ୍କ ଜୀବନଶୈଳୀ, ମନର କଥା, ବ୍ୟଥା, ଭାବନା ସବୁକିଛି ଲୁଚି ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମର ଆଦ୍ୟ ପର୍ବରେ ହରିୟାଣାରୁ ଆସିଥିବା ଶିଳ୍ପୀମାନେ ଶିବ ସ୍ତୁତି ପରିବେଷଣ କରିଥିଲେ। ପରେ ମରାଠୀ ଲୋକନୃତ୍ୟ ଲାଓଣୀ, ଆସାମର ବିହୁ, ଗୁଜୁରାଟର ଡାଙ୍ଗ, ମଣିପୁରର ଥାଙ୍ଗତା ନୃତ୍ୟ, ଝାଡ଼ଖଣ୍ଡର ଛଉ, ଓଡ଼ିଶାର ସମ୍ବଲପୁରୀ, ପଶ୍ଚିମବଙ୍ଗର ରାୟବେଁ ସେ ସମେତ ପୁରୀର ଅନନ୍ୟା କଳା ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରକାରୀ ପ୍ରୋତ୍ସାହନ ଅଭାବ

# ପରିଚୟ ଖୋଜୁଛି ପ୍ରଥମ ଲୌହ କାରିଗର ସମବାୟ ସମିତି

ଭାପୁର,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ଗ୍ରାମରେ ପଚାଶରୁ ଅଧିକ କୁଶଳୀ ଲୌହ କାରିଗରମାନଙ୍କୁ ନେଇ ୧୯୬୦ ମସିହାରେ ଗଠିତ ହୋଇଥିବା ଓଡ଼ିଶାର ପ୍ରଥମ ଲୌହ କାରିଗର ଶିଳ୍ପ ସମବାୟ ସମିତି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ

- ବୁଡ଼ିଲା ୫୦ ପରିବାରର କର୍ମ ସଂସ୍ଥାନ
- କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି କାରିଗର



ପଡ଼ିରହିଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ଶତାଧିକ କାରିଗରଙ୍କ ବୃତ୍ତି ବୁଡ଼ିଯିବାକୁ ବସିଛି। ଭାପୁର ବ୍ଲକର ବଡ଼ସହରା ଗ୍ରାମରେ ସର୍ବାଧିକ ମହାରଣା ପରିବାର ବାସ କରନ୍ତି। ସେମାନଙ୍କ ସୌଖିନ ଲୌହ କାରିଗରି କାର୍ଯ୍ୟ ସମସ୍ତଙ୍କ ମନ ଜିଣିଥାଏ। ୧୯୬୧ ମସିହାରେ ଗ୍ରାମର ବନମାଳୀ ମହାରଣାଙ୍କ ସଭାପତିତ୍ୱରେ ଓଡ଼ିଶା ଶିଳ୍ପ ବିଭାଗ ପ୍ରୋତ୍ସାହନରେ ବଡ଼ସହରା ଲୌହ ଶିଳ୍ପ ସମବାୟ ସମିତି ଗଠିତ ହୋଇଥିଲା। ଦେଢ଼ ଏକର ସରକାରୀ ଜମିରେ ସରକାରୀ ଅର୍ଥରେ ୧୮ଟି ଶାଳ ଘର ସହ ଅଫିସ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯାଇଥିଲା। ଏହି ଶାଳ ଘରେ ପ୍ରତି ପରିବାରର ମୁଖିଆମାନେ ତାଙ୍କ ପିଲାମାନଙ୍କୁ ଧରି ଟାଙ୍ଗିଆ, କୋଡ଼ି, କୋଦାଳ, କାତି, କଟୁରି, ଫାଉଡ଼ା, ଦାଆ, ଗୁଆକାତି, କୋରଣା, ପନିକି, ନଳୀତାଲା, ପାନଛେଚା ସହ ଅନେକ ଘରକରଣା ଓ ଚାଷ ଉପଯୋଗୀ ସାମଗ୍ରୀ ନିର୍ମାଣ କରି ସାରା ରାଜ୍ୟରେ ନାମ କରିଥିଲା। ଏହି କୁଶଳୀ କାରିଗରମାନଙ୍କୁ ୩୫ ବର୍ଷ ପୂର୍ବେ ଭୁବନେଶ୍ୱର ରାମମନ୍ଦିର ନିକଟରେ ଥିବା ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୯ ମସିହାରେ ବିଭାଗୀୟ ଅଧିକାରୀମାନେ ଆସି ବଡ଼ସହରା ଗ୍ରାମଠାରେ ମଧ୍ୟ ପ୍ରଶିକ୍ଷଣ ଦେଇଥିଲେ। ଏହି କୁଶଳୀ କାରିଗରମାନଙ୍କ ହାତ ନିର୍ମିତ ସାମଗ୍ରୀ ରାଜ୍ୟର ସମସ୍ତ ପ୍ରଦର୍ଶନୀରେ ଏପରିକି ଦିଲ୍ଲୀରେ ମଧ୍ୟ ପ୍ରଦର୍ଶିତ ଓ ବିକ୍ରି ପାଇଁ କାରିଗରମାନଙ୍କୁ ଡାକରା ଆସୁଥିଲା। ଧୀରେ ଧୀରେ କାରିଗରମାନଙ୍କର ଏହି ସ୍ୱର୍ଣ୍ଣିମ ଅଧ୍ୟାୟରେ ରାହୁ ଗ୍ରାସିଲା ଭଳି ସରକାରୀ ପ୍ରୋତ୍ସାହନ ଅଭାବରୁ ସମିତି ଦୁର୍ବଳ ହୋଇପଡ଼ିଲା। ସେମାନଙ୍କୁ କଞ୍ଚା ମାଲ ସରକାର ଯୋଗାଇଲେ ନାହିଁ କି ସେମାନଙ୍କର ନିର୍ମାଣ ସାମଗ୍ରୀ ବିକ୍ରି ପାଇଁ ସହଯୋଗ କଲେ ନାହିଁ। ଏବେ କେତେବେଳେ କେମିତି ସ୍ଥାନୀୟ ବେପାରୀଙ୍କଠାରୁ ଲୁହା ଓ ସ୍ଥାନୀୟ ଅଞ୍ଚଳରୁ ଉଚ୍ଚା ଦରରେ ଅଙ୍ଗାର କିଣି ବ୍ୟବହାର କରୁଥିବାରୁ କମ ଲାଭ ପାଉଥିବା କାରିଗରମାନେ କହିଛନ୍ତି। ସମବାୟ ସମିତିର ସଭାପତି ବୈକୁଣ୍ଠ ମହାରଣା ଓ ସମ୍ପାଦକ ରବୀନ୍ଦ୍ର କୁମାର ମହାରଣାଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ସଂସ୍ଥା ସ୍ଥାଣୁ ପାଲଟି ଯାଇଛି। ଯୁବ କାରିଗରମାନେ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ବରିଷ୍ଠମାନେ ସେହି ପାରମ୍ପରିକ ପଦ୍ଧତିରେ କାର୍ଯ୍ୟ କରିପାରୁ ନାହାନ୍ତି। ପୂର୍ବରୁ ଭାପୁର ବ୍ଲକରେ ଇଣ୍ଡଷ୍ଟ୍ରିଆଲ ପ୍ରମୋସନାଲ ଅଫିସର ରହୁଥିଲେ। ଏବେ ବହୁ ବର୍ଷ ହେଲା ଏହି ପଦବୀରେ କିଏ ଅଛନ୍ତି କି ନାହାନ୍ତି ତାହା ଜଣାନାହିଁ। ସରକାର ତୁରନ୍ତ ଏପରି କାରିଗରମାନଙ୍କ ବୃତ୍ତି ଓ କୃତି ବଞ୍ଚାଇବା ପାଇଁ ସହଯୋଗ ପାଇଁ ଆଗେଇ ଆସିବା ଦରକାର ବୋଲି ମତ ପ୍ରକାଶ ପାଇଛି।

## ■ ବିଭିନ୍ନ ହୋଟେଲରେ ବିକ୍ରି ହେଉଛି ନିମ୍ନମାନର ଖାଦ୍ୟ

# ଲାଭବାନ ବ୍ୟବସାୟୀ; ରୋଗ କିଣୁଛନ୍ତି ଗ୍ରାହକ

ଖଣ୍ଡପଡ଼ା,୨୧।୧୨(ସମିସ): ଖଣ୍ଡପଡ଼ା ବ୍ଲକରେ ବିଭିନ୍ନ ହୋଟେଲ, ଢାବା, ଜଳଖିଆ ଦୋକାନରେ ସ୍ୱାଦିଷ୍ଟ ଖାଦ୍ୟ ନାଁରେ ବାସି, ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ତଥା ମାତ୍ରାଧିକ ମସଲାଯୁକ୍ତ ଖାଦ୍ୟ ବିକ୍ରି ହେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଥିଲେ ମଧ୍ୟ ସବୁ ଜାଣି ଅଜଣା ହେଉଛନ୍ତି ବିଭାଗୀୟ ଅଧିକାରୀ। ଦୈନିକ ଗ୍ରାହକମାନେ ଖାଦ୍ୟ ଖାଇବା ବଦଳରେ ଅପମିଶ୍ରିତ ଖାଦ୍ୟ ଖାଇ ବିଭିନ୍ନ ପେଟ ଓ ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ହୋଟେଲ ଓ ଢାବାଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ ହେଉନଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ସାଧାରଣ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା ହୋଟେଲ ଓ ଢାବା ଗୁଡିକ ମଧ୍ୟରୁ କେଉଁଟି ସ୍ୱୀକୃତିପ୍ରାପ୍ତ ଏବଂ କେଉଁଟି ଅଣ ସ୍ୱୀକୃତିପ୍ରାପ୍ତ ଗ୍ରାହକ ଜାଣି ପାରୁନାହାନ୍ତି। ବ୍ଲକର ଖଣ୍ଡପଡ଼ା ବାଇପାସ୍, ଖଳିସାହି, ରାଜକିଆରୀ, କଣ୍ଟିଲୋ, ବାହାଡ଼ା ସମେତ ବିଭିନ୍ନ ବଜାରଗୁଡ଼ିକରେ ହୋଟେଲ, ଢାବା ଓ ଜଳଖିଆ ଦୋକାନ ଗୁଡ଼ିକରେ ଅପମିଶ୍ରିତ ଓ କମ ଦାମର ତେଲରେ ଖାଦ୍ୟ ପଦାର୍ଥ ଓ ଜଳଖିଆ ବିକ୍ରି ହେଉଛି। ଅନ୍ୟପକ୍ଷରେ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ନିମ୍ନମାନର ମସଲା ଓ ସସ୍ ବ୍ୟବହାର କରାଯାଇ ବିଷାକ୍ତ ଖାଦ୍ୟ ବିକ୍ରି ହେଉଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନଥିବା ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ନିଯୁକ୍ତ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଖାଦ୍ୟର ପ୍ରକୃତ ମାନ ନିରୂପଣ ପାଇଁ ଏହାକୁ ପରୀକ୍ଷାଗାରକୁ ପଠାଇବା ପରେ ୪୦ ଦିନ ମଧ୍ୟରେ ରିପୋର୍ଟ ମିଳିବାର ନିୟମ ରହିଛି। ଯଦି କୌଣସି ସୂତ୍ରରୁ ଅପମିଶ୍ରିତ କିମ୍ବା ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ରିପୋର୍ଟରୁ ଜଣାଯାଏ ତାହେଲେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ଅଛି। କିନ୍ତୁ ଏଠି ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆ ଯାଉନାହିଁ। ମୁଖ୍ୟତଃ ଖଣ୍ଡପଡ଼ାରେ ପଞ୍ଚାୟତ ସମିତି, ତହସିଲ, ଡାକ୍ତରଖାନା, ବିଦ୍ୟୁତ କାର୍ଯ୍ୟାଳୟ, ଥାନା, କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଯାହାଫଳରେ ବିଭିନ୍ନ ସମସ୍ୟା ନେଇ ଶତାଧିକ ଲୋକଙ୍କ ଖଣ୍ଡପଡ଼ାକୁ ଯାତାୟାତ ହେବା ସହ ବିଭିନ୍ନ ହୋଟେଲ କିମ୍ବା ଢାବାରେ ଖାଦ୍ୟ ଖାଇବା ପାଇଁ ଭିଡ଼ ଜମାଇଥାନ୍ତି। ହୋଟେଲ ମାଲିକମାନେ ଅଧିକ ଲାଭ



ପାଇବା ଆଶାରେ କମ ମୂଲ୍ୟରେ କିଣା ଯାଇଥିବା ତେଲ, ମସଲା, ଘିଅରେ ପ୍ରସ୍ତୁତ ଖାଦ୍ୟ ଗ୍ରାହକଙ୍କୁ ପରସି ଦିଅନ୍ତି। କେବଳ ସେତିକି ନୁହେଁ ପଚାସଢ଼ା ମାଛ ମାଂସକୁ ଅଧିକ ମସଲା ଦେଇ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଖାଇବାକୁ ଦେଇ ରୋଗ କିଣିବା ପାଇଁ ବାଧ କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ଅଧିକାରୀମାନେ ଯେତେବେଳେ ଚଢ଼ଉ କରିବାକୁ ଆସୁଛନ୍ତି ହୋଟେଲ ମାଲିକ ମାନଙ୍କୁ ଏ ଖବର ଦେଉଛି କିଏ। ଯାହାଫଳରେ ସେମାନେ ସେହିଦିନ ପ୍ରାୟ ହୋଟେଲ ବନ୍ଦ କରିଦେଇ ଖସି ଯାଉଥିବା ଦେଖାଦେଇଛି। ତେବେ ଏହିସବୁ ଦିଗ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ କଡାକଡି ନଜର ରଖି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସଜନାପଡ଼ାରେ ବୋମାମାଡ଼, ୪ ଆହତ

ନୟାଗଡ଼,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ସଜନାପଡ଼ା ଗ୍ରାମରେ ବୋମାମାଡ଼ ହୋଇଛି। ପାରିବାରିକ ବିବାଦକୁ ନେଇ ବୋମାମାଡ଼ ହୋଇ ୪ ଜଣ ଆହତ ହୋଇଛନ୍ତି। ଉକ୍ତ ଗ୍ରାମର ମାନସ ମାନସିଂ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ସୁରେନ୍ଦ୍ର ମାନସିଂଙ୍କ ପତ୍ନୀ ହୁଲାସ ମାନସିଂ, ତୋଫାନ ମହାରଣାଙ୍କ ପତ୍ନୀ କଲ୍ୟାଣୀ ମହାରଣା, ପୁଅ ବିଷ୍ଣୁ ମହାରଣା, ଝିଅ ତୁଳସୀ ମହାରଣା ଆହତ ହୋଇଛନ୍ତି। ହୁଲାସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

## ପଠାଣି ସାମନ୍ତ ସଂଗ୍ରହାଳୟ ପ୍ରତିଷ୍ଠା ଦିବସ



ଖଣ୍ଡପଡ଼ା,୨୧।୧୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଅବସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟ ୮ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ଦାୟିତ୍ୱରେ ଥିବା ବିବେକାନନ୍ଦ ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗଦେଇ ସାମନ୍ତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସହରାଞ୍ଚଳ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ନେଇ ସାଧାରଣ ଜ୍ଞାନ ପରୀକ୍ଷା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଆଦିରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଗ୍ରହାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଧାନ, ସୁଶାନ୍ତ କୁମାର ମହାରଣା, ମାନସ କୁମାର ବଳିଆରସିଂହ ଓ ଚିନ୍ମୟ ନାୟକ ସହଯୋଗ କରିଥିଲେ।

ପ୍ରକାଶ ଥାଉକି ଦୀର୍ଘ ୮ ବର୍ଷ ପରେ ସଂଗ୍ରହାଳୟର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟର ମୁଖ୍ୟ କାର୍ଯ୍ୟାଳୟରୁ ଅନୁମତି ପ୍ରଦାନ କରାଯାଇଥିବା ବେଳେ ଏଠାରେ କାର୍ଯ୍ୟକ୍ରମକୁ ଅତି ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି କୃତୀ ପ୍ରତିଯୋଗୀଙ୍କ ନିମନ୍ତେ ନିକୃଷ୍ଟ ପୁରସ୍କାର ସାମଗ୍ରୀ କ୍ରୟ କରାଯାଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ସେହିପରି ସାମନ୍ତଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମକୁ ନଡାକିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଜଳିଗଲା ଲକ୍ଷାଧିକ ଟଙ୍କାର ଧାନ କଳେଇ

ଭାପୁର,୨୧।୧୨(ସମିସ): ଜଣେ ଚାଷୀ ଅଦିନିଆ ବର୍ଷା ପୂର୍ବରୁ ବିଲରୁ ଧାନ କଳେଇ ବୋହି ଆଣି ଖଳାରେ ଗଦା କରିଥିଲାବେଳେ କୌଣସି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ। ଗ୍ରାମର ବିଶ୍ୱନାଥ ପଶା ତାଙ୍କର ୭ ଏକର ଜମିର ଧାନ ବୋହିଆଣି ଗାଁ ମୁଣ୍ଡ ଗଡପୋଖରୀ ନିକଟରେ କରିଥିବା ଏକ ଖଳାରେ ଧାନ ଅମଳ ପାଇଁ ଗଦା ଦେଇଥିଲେ। ବର୍ଷା ପରେ ଧାନ ମେସିନରେ ଧାନ ଅମଳ ପାଇଁ ଚିନ୍ତା କରିଥିଲେ। ତେବେ ଶନିବାର ମଧ୍ୟାହ୍ନ ୧୨ଟା ସମୟରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ତାଙ୍କର ଧାନ ଗଦାର ଅର୍ଦ୍ଧାଧିକ କଳେଇ ପୋଡ଼ି ଯାଇଥିଲା। ଭାପୁର ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ




ଭାପୁର,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମଠାରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ଆୟୋଜିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମିନୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ଼ ସରପଞ୍ଚ ମଞ୍ଜୁଲତା ସେଠୀ, ପୂର୍ବତନ ସରପଞ୍ଚ ତୋଫାନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ଏବର୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୈକ୍ଷିକ ଓ ସହସୈକ୍ଷିକ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ତିନି ଶହରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇ ଶତାଧିକ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ। ପାଗ ପ୍ରତିକୂଳ ସତ୍ତ୍ୱେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ମନ କିଣି ନେଇଥିଲେ।

## ■ ନୂଆବର୍ଷରେ ଫୁଲତୋଡ଼ା ଓ ଡାଏରୀକୁ ଜିଲ୍ଲାପାଳଙ୍କ ବାରଣ

# ‘ଖାତା, କଲମ ଓ ପେନ୍‌ସିଲ୍ ଦିଅ’

ନୟାଗଡ଼,୨୧।୧୨(ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆଗାମୀ ନବବର୍ଷ ଅବସରରେ ଶୁଭେଚ୍ଛା ଜଣାଇବା ପାଇଁ ଫୁଲତୋଡ଼ା ଓ ଡାଏରୀ ପ୍ରଦାନକୁ ବାରଣ କରିଛନ୍ତି। ଏହା ବଦଳରେ ଶୁଭେଚ୍ଛା ଜଣାଇବା ସହ କିଛି ଖାତା, କଲମ ଓ ପେନସିଲ୍ ପ୍ରଦାନ କରିବାକୁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଯାହା ଦ୍ୱାରା ଅନାବଶ୍ୟକ ଭାବେ ହେଉଥିବା ଖର୍ଚ୍ଚ ଅର୍ଥରେ କିଛି ଗରିବ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପକରଣ ମିଳିପାରିବ ବୋଲି ସେ କହିଛନ୍ତି। ପ୍ରତି ସରକାରୀ ଅଧିକାରୀଙ୍କ ନବବର୍ଷ ଅବସରରେ ମିଳିଥିବା ଖାତା, କଲମ ଓ ପେନ୍‌ସିଲକୁ ଆମେ ସଂଗ୍ରହ କରି ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବୁ ବୋଲି କହିଛନ୍ତି।

## ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



ଓଡ଼ଗାଁ,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଡ଼ଗାଁ ଏବଂ କୁରାଳ ନୋଡାଲ ହାଇସ୍କୁଲରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲଦାର ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ରଘୁନାଥ ସମବାୟ ମହାବିଦ୍ୟାଳୟ ଓଡ଼ଗାଁ ଅଧ୍ୟକ୍ଷ ରାଜ କିଶୋର ସାହୁ, ୧ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ସରପଞ୍ଚ ବିଜନ ପାଇକରାୟ, ସମିତିସଭ୍ୟା କନକ ପାତ୍ର, ‘ମୋ ସ୍କୁଲ’ ସଭାପତି ପବିତ୍ର ମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଏବଂ ମାଟ୍ରିକ ଓ +୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ କୁମାର ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ନରୋତ୍ତମ ପାତ୍ର ସଂଯୋଜନା କରିଥିଲେ। ସେହିପରି କୁରାଳ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ମହୋତ୍ସବ ପାଇଁ ୭୦ ଲକ୍ଷ ବ୍ୟୟ ଅଟକଳ

# ୩୧୩ ଷ୍ଟଲ୍ ସହ ଦୋଳି ଓ ମୀନାବଜାର



ଜିଲ୍ଲା ପ୍ରଶାସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନୟାଗଡ଼,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ମହୋତ୍ସବ ପାଇଁ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ୨୪ରୁ ୨୮ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ପାଇଁ କରାଯାଇଥିବା ପ୍ରସ୍ତୁତି ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋତ୍ସବ ଉଦ୍‌ଘାଟନ କରିବାକୁ ସମ୍ମତି ପ୍ରଦାନ କରିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମହୋତ୍ସବ ପାଇଁ ୩୧୩ଟି ଷ୍ଟଲ୍ ପ୍ରସ୍ତୁତ କରାଯାଇଛି। ଯାହା ମଧ୍ୟରେ ଓରମାସ ୧୧୬ଟି ଷ୍ଟଲ୍‌ରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ବ୍ୟବସାୟୀଙ୍କୁ ସୁଯୋଗ ଦେବ ବୋଲି କୁହାଯାଇଛି। ପୁସ୍ତକ ମେଳା ପାଇଁ ୨୦ଟି ଷ୍ଟଲ୍, କୃଷି ଯନ୍ତ୍ରପାତି ମେଳା ପାଇଁ ୬୦ଟି ଷ୍ଟଲ୍, ପୁଲିସ, ଫାୟାର ଓ ମେଡିକାଲ ପାଇଁ ୬ଟି ଷ୍ଟଲ୍, ବିଭିନ୍ନ ବିଭାଗ ପାଇଁ ୨୪ଟି ଷ୍ଟଲ୍ ଏବଂ ବିଜ୍ଞାପନ ପାଇଁ ୭ଟି ଷ୍ଟଲ୍ ପ୍ରସ୍ତୁତ କରାଯାଇଛି। ଜଗନ୍ନାଥମନ୍ଦିରଠାରୁ ପିଟିଏସ୍ ପର୍ଯ୍ୟନ୍ତ ରାସ୍ତା ଓ ଆଲୋକୀକରଣ କାର୍ଯ୍ୟ ମିଶନ ମୋଡରେ କରାଯାଇ ସମାପ୍ତି କରାଯିବ। ଟ୍ରାଫିକ ଓ ଆଇନଶୃଙ୍ଖଳା ପାଇଁ ପୁଲିସ ଓ ଗୃହରକ୍ଷୀ ବାହିନୀ ମୁତୟନ କରାଯିବ। ମୋଟ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ଏସ୍ ସୁଶ୍ରୀ ସୂଚନା ଦେଇଛନ୍ତି। ଏହା ସହିତ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ସାମିଲ କରାଯିବ। ସମଗ୍ର ମହୋତ୍ସବକୁ ସିସିଟିଭି କଭରେଜ୍ ମଧ୍ୟରେ ରଖାଯିବ। କଂଟ୍ରୋଲ ରୁମ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ପିଟିଏସ୍ ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଟ୍ରାଫିକ ଆଡଭାଇଜର ଜାରି କରାଯିବ ବୋଲି ଏସ୍‌ପି କହିଛନ୍ତି। ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା ସାମଗ୍ରୀ ସହ ଏଥର ମହୋତ୍ସବରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ବ୍ୟାପକ ଭାବେ ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ପିଲାଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ଦୋଳି ଓ ଖେଳନା ଦୋକାନ ମଧ୍ୟ ରହିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ହେବ। ୨୫ ତାରିଖରେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ମେଲୋଡି ଗ୍ରୁପ୍, ୨୬ ତାରିଖରେ ସିନେ ଅଭିନେତା ବାବୁସାନ ମହାନ୍ତି ଓ ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ୍, ୨୭ରେ ସିନେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଓ ଆଦିତ୍ୟ ଡ୍ୟାନ୍ସ ଗ୍ରୁପ୍, ୨୮ ତାରିଖରେ ଦୀପ୍ତିରେଖା ପାଢ଼ୀ ଓ ମଲେଡି ଗ୍ରୁପ୍ ମୁଖ୍ୟ ଆକର୍ଷଣ ରହିଛି। ମହୋତ୍ସବ ପାଇଁ ମୋଟ ୭୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କରିବା ପାଇଁ ସାମ୍ବାଦିକ ଜଯେନ୍ଦ୍ର ବେହେରା ମତ ଦେଇଥିଲେ। ଏଥିପାଇଁ ଗୃହ ବିଭାଗ ଅନୁମତି ମଗାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ କମିଟି ଗଠନକୁ ନେଇ ଅସନ୍ତୋଷ

ନୟାଗଡ଼,୨୧।୧୨(ସମିସ): ନୟାଗଡ଼ ଜିଲ୍ଲା ମହୋତ୍ସବ, ପ୍ରଲ୍ଲିଶ୍ରୀ, ପୁସ୍ତକ ଓ କୃଷି ମେଳା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ମହୋତ୍ସବରେ ନୟାଗଡ଼ର ବୁଦ୍ଧିଜୀବୀ, ସାମ୍ବାଦିକ ଓ ବରିଷ୍ଠ ନାଗରିକଙ୍କୁ ଅଣଦେଖା କରାଯାଉଥିବା ନେଇ ପ୍ରଥମରୁ ବାରି ହୋଇପଡ଼ିଛି। ଯେତେ ତାଳି ପକାଇବା ପାଇଁ ଚେଷ୍ଟା କରାଗଲେ ମଧ୍ୟ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ଆଦୌ ନୟାଗଡ଼ିଆଙ୍କୁ ମହୋତ୍ସବରେ ସାମିଲ କରିବା ସପକ୍ଷରେ ନଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ମହୋତ୍ସବ ପାଇଁ ପ୍ରଶାସନିକ ଅଧିକାରୀ ଇଚ୍ଛା ମୁତାବକ କମିଟି ଗଠନ କରିଥିବା ଦେଖାଯାଇଛି। ଗତବର୍ଷ କଲଚରାଲ୍ କମିଟିରେ ରହିଥିବା ସଦସ୍ୟଙ୍କୁ ଅଲଗା କରି ଇଭେଣ୍ଟ ମ୍ୟାନେଜମେଣ୍ଟ କମିଟି ଗଠନ କରାଯାଇଛି। ଏହି କମିଟି ବୈଠକ ଆଜି ପର୍ଯ୍ୟନ୍ତ ବସିନଥିବା ବେଳେ ଉପଜିଲ୍ଲାପାଳ ୨୩ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ମହୋତ୍ସବ ପାଇଁ କମିଟି ଗଠନ ଏବଂ ବୈଠକ ଡକାଯିବା ଏକ ଲୋକଦେଖାଣିଆ ନାଟକ ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ନିଜ ଇଚ୍ଛା ମୁତାବକ ମହୋତ୍ସବ ଆୟୋଜନ କରୁଥିବା ବେଳେ ଅପବାଦ ଏଡ଼ାଇବା ପାଇଁ କମିଟିର କଥା କୁହାଯାଉଛି।

# ବର୍ଷାରେ ଉଜୁଡ଼ିଲା ବର୍ଷକର ଅମଳ
# ଭିଜୁଛି ୧୦ ହଜାର ହେକ୍ଟର୍ ଜମିର ଧାନ







**ଖୋର୍ଦ୍ଧା,୨୧।୧୨(ସମିସ)**

ଚାଷୀଙ୍କ ଉପରେ ଦାଉ ସାଧୁଛି ପ୍ରକୃତି। କେତେବେଳେ ଠିକ ସମୟରେ ବର୍ଷା ନହେବାରୁ ମରୁଡ଼ି ହେଉଛି ତ, ଆଉ କେତେବେଳେ ଅଦିନିଆ ବର୍ଷା ଯୋଗୁ ଫସଲ ଉଜୁଡୁଛି। ଚଳିତବର୍ଷ ଆରମ୍ଭରୁ ଠିକ ଭାବେ ବର୍ଷା ହୋଇନଥିବାବେଳେ ପରବର୍ତ୍ତୀ ସମୟରେ ବର୍ଷା ହେବାରୁ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଆଶା କରିଥିଲେ ଭଲ ଫସଲ ଅମଳ ହେବ। ମାତ୍ର ଠିକ୍ ଅମଳ ବେଳକୁ ପ୍ରଥମେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ କୋହଲା ପାଗ ଓ ପବନ ପରେ ଲଗାଣ ବର୍ଷା ଯୋଗୁ ଧାନଫସଲ ନଷ୍ଟ ହେବା ସମସ୍ୟା ତୁଟିନଥିବା ବେଳେ ଏବେ ପୁଣି ଅଦିନିଆ ବର୍ଷା ଧାନଫସଲକୁ ଉଜାଡ଼ି ଦେଇଛି। ଆଜି ଦିନତମାମ ବର୍ଷା ଲାଗି ରହିଛି। ପାଚିଲା ଧାନ ଏବେ ଗଜା ହେବାକୁ ବସିଲାଣି। ମାସକ ଭିତରେ ଦୁଇ ଦୁଇଥର ଲଗାଣ ବର୍ଷା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଗତ ୯ ତାରିଖରୁ ୨ଦିନ ଧରି ଲଘୁଚାପ ଜନିତ ବର୍ଷା ଓ ଏବେ ଦୁଇଦିନ ଧରି ହୋଇଥିବା ବର୍ଷାରେ ବର୍ଷକର ଅମଳ ଉଜୁଡ଼ିବାକୁ ବସିଛି। ସେପଟେ ଏ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଧାନମଣ୍ଡି ଖୋଲି ନଥିବାରୁ ଚାଷୀ କେଉଁଠି ଧାନ ବିକ୍ରି କରିବେ ସେନେଇ ଚିନ୍ତାରେ ରହିଛନ୍ତି।

ସୂଚନାଯୋଗ୍ୟ, ଜିଲ୍ଲାରେ ୧ ଲକ୍ଷ ୧ ହଜାର ୩୮୨ ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହୋଇଥିଲା। ୧୫ ହଜାର ୨୦୨ ହେକ୍ଟର ଜମିରେ ଅଣଧାନ ଚାଷ ହୋଇଥିଲା। ବର୍ଷା ପୂର୍ବରୁ ୭୭ ହଜାର ୮୮୬ ହେକ୍ଟର ଜମିର ଧାନକୁ ଚାଷୀମାନେ ବିଲରୁ କାଟି ଆଣିଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି କହିଛନ୍ତି। ଏବେ ବି ୨୩ ହଜାର ୪୯୬ ହେକ୍ଟର ଜମିରେ ପାଚିଲା ଧାନ ଜମିରେ ବର୍ଷାପାଣି ଲହଡ଼ି ମାରୁଛି। ତେବେ ୨୩୪୫ ହେକ୍ଟର ଜମିର ଅଣଧାନ ବିଲରେ କଟା ନହୋଇ ରହିଛି। ପ୍ରବଳ ବର୍ଷାରେ ବି ଜିଲ୍ଲାବ୍ୟାପୀ ୪ ହଜାର ୭୩୬ ହେକ୍ଟର ଜମି କଟା ହୋଇ ବିଲରେ ପଡିଥିବାବେଳେ ୫ ହଜାର ୩୩୪ ହେକ୍ଟର ଜମିର ଧାନ ଗଦା ହୋଇ ବିଲରେ ରହିଥିବା ଜଣାଯାଇଛି। ସେହିପରି ଅଣଧାନ ଚାଷ ହୋଇଥିବା ୩୫୦ ହେକ୍ଟର ଜମିର ଅବସ୍ଥା ମଧ୍ୟ ସମାନ ବୋଲି କୃଷି ବିଭାଗରୁ ମିଳିଥିବା ସୂଚନାରୁ ଜଣାଯାଇଛି। ଠିକ ବିଲରୁ ଧାନ କାଟିବା ସମୟରେ ଅଦିନିଆ ବର୍ଷା ଏବେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଅନେକ ଚାଷୀ ବ୍ୟାଙ୍କ, ସେବା ସମବାୟ ସମିତି ତଥା ମହାଜନଙ୍କଠାରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଧାନ ଫସଲ କରିଥିଲେ। ଚଳିତ ବର୍ଷ ଫସଲ ଅମଳ ସମୟରେ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁ ଚାଷ ଜମିରେ ୨ଫୁଟ ପାଣି ଜମି ରହିଛି। ବିଲରେ ପାଚିଥିବା ଧାନକୁ ବି ଚାଷୀ କାଟି ପାରିନି। ଏବେ ବର୍ଷାରେ କେତେକ ବିଲରେ ଧାନ ପଙ୍କରେ ମିଶିଥିବାବେଳେ ଆଉ କେତେକ ବିଲରେ ପାଣିରେ ଧାନ ପଡ଼ି ଗଜା ହେବା ଆଶଙ୍କା ରହିଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେତେକ ଚାଷୀ ଏଯାଏଁ ଧାନ ଅମଳ କରିପାରିନାହାନ୍ତି କିମ୍ବା ଧାନ ଜମାରୁ କାଟି ନାହାନ୍ତି। ଅମଳ ଧାନ ରଖିବା ପାଇଁ ସ୍ଥାନ ଅଭାବ ଥିବାରୁ ଚାଷୀମାନେ ଖୋଲା ଆକାଶ ତଳେ ଏହାକୁ ପକାଇ ରଖିଛନ୍ତି। ଗୋଟିଏ ପଟେ ଅମଳ ଧାନ ଭିଜୁଥିବାବେଳେ ଅନ୍ୟପଟେ ଏହାକୁ କିଣିବା ପାଇଁ ମଣ୍ଡି ଖୋଲାଯାଇ ନାହିଁ। ଏଭଳି ହେଲେ ଏଫଏକ୍ୟୁ ମାନ ନଷ୍ଟ ହେବ ଏବଂ ମଣ୍ଡିରେ ଧାନ କିଣାଯିବ ନାହିଁ ବୋଲି ଚାଷୀ ଆଶଙ୍କା କଲେଣି। ଏଭଳି ହେଲେ ଚାଷୀ କ୍ଷତି ସହିବା ନିଶ୍ଚିତ। ତେଣୁ ସରକାର ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ସହ ବୀମା ଟଙ୍କା ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସେନାପତି କହିଛନ୍ତି, ବର୍ଷା ଏବେ ଛାଡ଼ିଛି। ବର୍ଷାରେ କେତେଜମି ନଷ୍ଟ ହୋଇଛି ତାର ଆକଳନ କ୍ଷେତ୍ର ଅଧିକାରୀମାନେ କ୍ଷେତ୍ରବୁଲି ପ୍ରସ୍ତୁତ କରୁଛନ୍ତି।

**ବେଗୁନିଆ:** ଅଦିନିଆ ବର୍ଷା ଯୋଗୁଁ ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତର ଶହ ଶହ ଏକର ଜମିରେ କଟା ହୋଇ ରହିଥିବା ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବା ବେଳେ ଚାଷୀ ଅକ୍ଳାନ୍ତ ପରିଶ୍ରମରେ ହାତ ଉଧାର କରି ଚାଷ କାର୍ଯ୍ୟ ଶେଷ କରିଥିଲା। ତେବେ ଧାନ ଫସଲକୁ କାଟି ଜମିରେ ପକାଇ ଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଏହାକୁ ଘରକୁ ଆଣି ପାରି ନ ଥିଲା। ଯାହା ଫଳରେ ଜମିରେ କଟା ଧାନ ଭାସୁଥିବାରୁ ଚାଷୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଛି। ଚଳିତବର୍ଷ କିପରି ମଣ୍ଡିରେ ଧାନ ବିକ୍ରି କରିବେ ଓ ମହାଜନର ଋଣ ଅର୍ଥ କିପରି ପରିଶୋଧ କରିବେ ସେନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟିଦେଇ କ୍ଷତିଗ୍ରସ୍ତ ଚାଷୀକୁଳକୁ କ୍ଷତିପୂରଣ ଯୋଗାଇଦେବାକୁ ସଚେତନ ନାଗରିକ ଓ ଚାଷୀମାନେ ଦାବି କରିଛନ୍ତି।

**ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିକଲେ ଚାଷୀ**

**ଟାଙ୍ଗୀ:** ଲଘୁଚାପଜନିତ ବର୍ଷା ଗତକାଲିଠାରୁ ଲାଗିରହିଥିବାରୁ ଟାଙ୍ଗୀ ବ୍ଲକ ସମେତ ରଣପୁର ଓ ଚିଲିକା ବ୍ଲକର ଧାନଚାଷରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚାଷୀ ବିଲରେ କଳେଇ ଗଦା ମାରିଥିଲେ ମଧ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା କରିପାରିନଥିବା, ବିଲ ହିଡରେ ଧାନ ଗଛ କାଟି କେବଳ ରଖିଦେଇଥିବା, ଏପରିକି ଅନେକ ବିଲରେ ଧାନ କଟାଯାଇନଥିବା ଓ କେତେକ ଜମିରେ ଧାନ ଗଛ କାଟି ଚାଷୀ ପଳାଇଥିବା ଦେଖିବାକୁ ମିଳିଛି। ଏହି ସବୁ ଧାନଗଛ ବର୍ଷା ପାଣିରେ ବୁଡ଼ି ଗଜା ହେବା ନିଶ୍ଚିତ ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ତଳିଆ ଅଞ୍ଚଳରେ ଥିବା ଜମିରେ ପାଣି ଜମି ଯାଇଥିବାରୁ ଧାନ କଳେଇ ଆଣିବାର ମଧ୍ୟ ସମ୍ଭାବନା ନାହିଁ। ଟାଙ୍ଗୀ କୃଷି ବିଭାଗୀୟ ଅଧିକାରିଣୀ ଯାଜ୍ଞସେନୀ ନାୟକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଟାଙ୍ଗୀ ବ୍ଲକରେ ଆନୁମାନିକ ୫୦୦ ଶହ ହେକ୍ଟର ଜମିରେ ଧାନଚାଷ କ୍ଷୟକ୍ଷତି ଘଟିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

**ବାଲୁଗାଁ:** ଶନିବାର ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଲୁଗାଁ-ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଦୁଇ ଦିନ ମଧ୍ୟରେ ବାଣପୁର ଅଞ୍ଚଳରେ ୭୦ ମିଲିମିଟର ଓ ଚିଲିକା ଅଞ୍ଚଳରେ ୫୨ ମିଲିମିଟର ବର୍ଷା ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ହଠାତ ବର୍ଷା ହେବାରେ ବର୍ତ୍ତମାନ ଅଞ୍ଚଳର କିଛି ଚାଷୀ ତରବରିଆ ଭାବେ ପାଚିଲା ଧାନ କାଟି ଜମିରେ ବିଡ଼ା ବାନ୍ଧି ପକାଇଥିବା ବେଳେ ଆଉ କିଛି ଜମି ହୁଡ଼ା ତଥା କ୍ଷେତରେ ବିଡ଼ା ବାନ୍ଧି ଗଦା ମାରିଛନ୍ତି। କେତେକ ସ୍ଥାନରେ ଚାଷୀ ଧାନ କାଟୁଥିବା ଦେଖାଯାଇଛି। ଅନ୍ୟପକ୍ଷେ ଚଳିତ ବର୍ଷ ଚିଲିକା ବ୍ଲକ ଅଧୀନ ବଡ଼କୁଳ, ନିମିକ୍ଷେତା, ଡୁଙ୍ଗମାଳ, ଅଠରବାଟିଆ, ସିଙ୍ଗେଶ୍ୱର, ନାରୁଣୀ ଓ ଆଙ୍କୁଲା ଆଦି ପଞ୍ଚାୟତରେ ୮୦ ପ୍ରତିଶତ ଧାନ ଫସଲ ଅମଳ ଯୋଗ୍ୟ ହୋଇ ଯାଇଥିବାରୁ କିଛି ଦିନ ମଧ୍ୟରେ ଏହାକୁ ଖଳାକୁ ନେବାର ଥିଲା। ହେଲେ ବର୍ଷା ପ୍ରଭାବରେ ଚାଷୀ ଧାନ ଅମଳ ନକରିପାରି ଜମିକୁ ଚାହିଁ ଚିନ୍ତାରେ ବସିଛି। ଚଳିତ ବର୍ଷ ଭଲଧାନ ଅମଳ କରିବା ପାଇଁ ଚାଷୀ ବହୁ ଆଶା ବାନ୍ଧିଥିବା ବେଳେ ଲଘୁଚାପଜନିତ ବର୍ଷା ପବନ ପ୍ରଭାବରେ ଏହି ଆଶା ମଉଳି ଯାଇଛି। ଫଳରେ ଚାଷୀ ଧାନକ୍ଷେତକୁ ଅନାଇ ଆଖିରୁ ଲୁହ ଗଡ଼ାଉଛି।

ତତ୍ ସହିତ ଦୈନନ୍ଦିନ ମାଛମାରି ପରିବାର ଗୁଜୁରାଣ ମେଣ୍ଟାଉଥିବା ମତ୍ସ୍ୟଜୀବୀମାନେ ମଧ୍ୟ ହାତବାନ୍ଧି ବସିଛନ୍ତି। ଲଘୁଚାପ ବର୍ଷା ପବନ ଯୋଗୁଁ ବାଣପୁର, ଚିଲିକା ବ୍ଲକର ଚାଷୀକୁଳ ଓ ମତ୍ସ୍ୟଜୀବୀମାନେ ଚିନ୍ତାରେ ପଡ଼ିଛନ୍ତି।





## ୨୬ କେଜି ଗଞ୍ଜେଇ ଜବତ
### ୨ ମହିଳାଙ୍କ ସମେତ ତିନି ଆନ୍ତଃରାଜ୍ୟ ବେପାରୀ ଗିରଫ

**ବାଲୁଗାଁ,୨୧।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ମିଳିତ ଭାବେ ବାଲୁଗାଁ ସରନଇ ଛକ ନିକଟରେ ଚଢ଼ଉ କରି ୨୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣ ମହିଳାଙ୍କ ସମେତ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ, ମଧ୍ୟପ୍ରଦେଶର ମହିଳା ସରିତା ଯାଦବ (୨୧), ଓଡ଼ିଶା ଗଞ୍ଜାମ ଜିଲ୍ଲାର ମହିଳା ଖତି ଦାସ (୨୬) ଓ ଟୁନା ବେହେରା (୩୮)।



ସୂଚନା ମୁତାବକ, ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ନିମନ୍ତେ ମଧ୍ୟପ୍ରଦେଶର ସରିତା, ଗଞ୍ଜାମ ଜିଲ୍ଲାର ଖତୀ ଓ ଟୁନା ମିଶି ବାଲୁଗାଁ ସରନଇ ଛକ ନିକଟରେ ଗଞ୍ଜେଇ ବସ୍ତା ଧରି ବସ୍‌କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ସଦଳବଳେ ସରନଇ ଛକରେ ଚଢ଼ଉ କରିଥିଲେ। ଉକ୍ତ ତିନି ଜଣଙ୍କୁ ଯାଞ୍ଚ କରିବାରେ ସେମାନଙ୍କ ନିକଟରୁ ୨୬ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢ଼ଉରେ ଏଏସ୍‌ଆଇ ସଞ୍ଜୟ କୁମାର ସୁବୁଦ୍ଧି, କନେଷ୍ଟବଳ ଆଶିଷ ପ୍ରଧାନ, ତୁଷାରକାନ୍ତି ଚମ୍ପତି, ଚିନ୍ମୟୀ ଦାଶ ଏବଂ କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ବାଣିଶ୍ରୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଖୋର୍ଦ୍ଧା,୨୧।୧୨(ସମିସ):** ଖୋର୍ଦ୍ଧା ଉପକଣ୍ଠ ବାଣିଶ୍ରୀ ଶିକ୍ଷା ନିକେତନ ପରିସରରେ ଚାଲିଥିବା ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ସରପଞ୍ଚ ଦେବାଶିଷ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ସଭାପତି ବଟକୃଷ୍ଣ ପରିଡ଼ା, ସମ୍ପାଦକ ଅଶୋକ କୁମାର ମହାପାତ୍ର, ସୀତା ପ୍ରସାଦ ସାହୁ, ବାମଦେବ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ଦିନବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଭଲ ପାଠ ପଢ଼ିବା ସହ କ୍ରୀଡ଼ାରେ ମଧ୍ୟ ଅଗ୍ରଣୀ ହେବାକୁ ପରାମର୍ଶ ଦେଇଥିଲେ। ସଭାପତି ଶ୍ରୀ ପରିଡା ବିଦ୍ୟାଳୟକୁ ସରସ ସୁନ୍ଦର କରି, ପିଲାମାନଙ୍କ ସହିତ ହସି ଖେଳି ପାଠ ପଢ଼ାଇଲେ ସେମାନଙ୍କର ପାଠ ପଢ଼ିବା ପାଇଁ ଆଗ୍ରହ ବଢ଼ିବ ଓ ଭଲ ଭାବରେ ପିଲାମାନେ ପାଠ ଗ୍ରହଣ କରିପାରିବେ ବୋଲି କହିଥିଲେ।

ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ସାଥୁଆ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ବଡ଼ବେରଣା ଡାକଘର ପକ୍ଷରୁ ସଚେତନତା



**ବେଗୁନିଆ,୨୧।୧୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଡାକଘର ପକ୍ଷରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଡାକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ଡିଭିଜନର ଉପଅଧୀକ୍ଷକ ମୋହନ ସୁନା ମୁଖ୍ୟ ଅତିଥି, ସରପଞ୍ଚ ଅସିତ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଜିଲ୍ଲା ସହକାରୀ ଉପଅଧୀକ୍ଷକ ଦେବବ୍ରତ ଜେନା, ଆଇପିପିବି ସିନିୟର ମ୍ୟାନେଜର ସିମନ୍ତିକା ପ୍ରିୟଦର୍ଶିନୀ ଓ ଖୋର୍ଦ୍ଧା ଜିଲ୍ଲା ସହକାରୀ ପୋଷ୍ଟ ମାଷ୍ଟର ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡାକଘର କାର୍ଯ୍ୟାଳୟରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ଯୋଜନା ଉପରେ ଆଲୋକପାତ କରି ସଚେତନ କରିଥିଲେ। ଯୋସେଫ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ



**ବାଣପୁର,୨୧।୧୨(ସମିସ):** ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତସ୍ଥିତ ଉପେନ୍ଦ୍ର ବିଦ୍ୟାପୀଠ ଓ ଭବାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ସଦସ୍ୟ ତଥା 'ବିଶ୍ୱମୁକ୍ତି' ସଂପାଦକ ପ୍ରଫେସର ଶଶାଙ୍କ ଚୂଡାମଣି, ବିଶିଷ୍ଟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ସରପଞ୍ଚ ସବିତା ଦାସ, ସମିତି ସଭ୍ୟ କନ୍ଦର୍ପ ଜେନା, ଦୁଇ ବିଦ୍ୟାଳୟର ସଭାପତି ପ୍ରକାଶ ଦାସ ଓ ପବିତ୍ର କୁମାର ବରାଳ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତିଦିନ ପିତାମାତା, ଗୁରୁ ଓ ଈଶ୍ୱରଙ୍କୁ ଭକ୍ତି କଲେ ବିଦ୍ୟାଲାଭ ସଫଳ ହେବ ବୋଲି ପରାମର୍ଶ ଦେଇଥିଲେ। ଦୁଇ ପ୍ରଧାନ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ ଓ ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଶିଶିର କୁମାର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ରୂପାନ୍ତରଣରେ ହୋଇଥିବା ନୂତନ ଶ୍ରେଣୀଗୃହ, ବିଜ୍ଞାନ ଗୃହ ଓ ଲାଇବ୍ରେରି ଆଦିକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହେଶ୍ୱର ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପାଇକା ଆଖଡ଼ା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାଣିରେ ବୁଡ଼ିଲା ମୀନାବଜାର; ହନ୍ତସନ୍ତ ବ୍ୟବସାୟୀ

**ଖୋର୍ଦ୍ଧା,୨୧।୧୨(ସମିସ)**

ସ୍ଥାନୀୟ ହାବେଳୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁଥିଙ୍କିଙ୍ଗ ଫୋରମ ପକ୍ଷରୁ ଚାଲିଥିବା ଖୋର୍ଦ୍ଧା ମହୋତ୍ସବ ଆରମ୍ଭରୁ ବିବାଦୀୟ ହୋଇଛି। ହାବେଳୀ ପଡ଼ିଆ ସମ୍ମୁଖ ଜଳାଶୟକୁ ପୋତି ତା'ଉପରେ ବିଭିନ୍ନ ପ୍ରକାର ଦୋଳି ଓ ମୀନାବଜାର ପକାଇବା ଏବେ ଆୟୋଜକ କମିଟିକୁ ପାଇଁ ମହଙ୍ଗା ହୋଇଛି। ହାବେଳୀ ପଡିଆ ମଧ୍ୟରେ ମହୋତ୍ସବ ଆୟୋଜନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିଲା। ମାତ୍ର କମିଟି ସଦସ୍ୟ ଏହା ସମ୍ମୁଖରେ ଥିବା ପୁରାତନ ଜଳାଶୟଟିକୁ ମୋରମ ପକାଇ ପୋତି ଗାଡି ପାର୍କିଂ ନାଁରେ ରାଜସ୍ୱ ନିରୀକ୍ଷକଙ୍କଠାରୁ ଅନୁମତି ଆଣି ବ୍ୟବସାୟିକ ମନୋବୃତ୍ତି ରଖି ସେଠାରେ ମୀନାବଜାର, ରାମଦୋଳି, 'ମୌତ କା କୁଆଁ' ଖେଳ ଦେଖାଇଲା ଭଳି ସଂସ୍ଥାକୁ ଅନୁମତି ଦେଇଛନ୍ତି।



ଦୁଇଦିନ ଧରି ହେଉଥିବା ବର୍ଷାରେ ପୋତାଯାଇଥିବା ଜଳାଶୟରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇଥିବାବେଳେ ଏଠାରେ ଦୋକାନ ଦେଇଥିବା କ୍ଷୁଦ୍ର ବ୍ୟବସାୟୀମାନେ ଦୁଇଦିନ ଧରି ପାଣିରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ପୋତା ପୋଖରୀରୁ କମିଟି ଲକ୍ଷ ଲକ୍ଷ ଟଙ୍କା କମାଇଥିବାବେଳେ ବ୍ୟବସାୟ ଲକ୍ଷ୍ୟ ରଖି ଆସିଥିବା ବ୍ୟବସାୟୀମାନେ ଦୋକାନରେ ପାଣି ପଶିବା ଯୋଗୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପୋତା ଜଳାଶୟରେ ପାଣି ପଶିବାରୁ ଏଠାରେ ଲାଗିଥିବା ଦୋଳି ଦବିଥିବା କୁହାଯାଉଛି। ଦୋଳି ପକାଇବା ପାଇଁ ସରକାରୀ ଅନୁମତି ନ ଥିବାବେଳେ ଦୁର୍ବଳ ମାଟିରେ ପୁଣି ଦୋଳି ଚାଲିଲେ, କେତେବେଳେ ଯେ, କ'ଣ ଅଘଟଣ ନଘଟିବ ତାହା କହି ହେବ ନାହିଁ। ଏହି ଦୋଳିଖେଳ ପିଲାଙ୍କ ଲାଗି ବିପଜ୍ଜନକ ହୋଇପାରେ। ଏ ଦିଗ ପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି। ତେବେ ଗତକାଲି ରାତିରୁ ଆଜି ଅପରାହ୍ନ ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ଗାଡ଼ି ପାଣି ଶୁଖାଇବାକୁ ନାକେଦମ ହୋଇଥିବାବେଳେ ଆୟୋଜକ କମିଟି ପକ୍ଷରୁ ବହୁ ବିଳମ୍ବରେ ୨ଟି ବଡ଼ ମୋଟର ଲଗାଯାଇ ପାଣି ଶୁଖାଇବା ଉଦ୍ୟମ କରାଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଝଡିବର୍ଷାର କୋହଲା ପାଗରେ ବି ପଡିଆର ରାସ୍ତା ଦୁଇପାଶ୍ୱର୍ରେ ଦୟନୀୟଭାବେ ଉଠାବ୍ୟବସାୟୀ ଜରିଖଣ୍ଡେ ଟାଣି ପିଲାଛୁଆ ଧରି ଭୋକ ଉପାସରେ ପଡିଥିବା ଦେଖାଯାଇଥିଲା। ପ୍ରବଳ ବର୍ଷାରେ ମଧ୍ୟ ଆୟୋଜକଙ୍କ ପକ୍ଷରୁ ସେମାନଙ୍କ ରହିବା ଲାଗି କୌଣସି ବ୍ୟବସ୍ଥା କରାଯାଇନଥିବାବେଳେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଥାଉକି, ଜଳାଶୟ ପୋତିବାକୁ କେନ୍ଦ୍ରକରି ବିବାଦ ହୋଇଥିବାବେଳେ ପୌରପ୍ରଶାସନ ପକ୍ଷରୁ ଆୟୋଜକ କମିଟିକୁ ଏନେଇ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ପୋତିଥିବା ପୋଖରୀ ପୁନର୍ବାର ଖୋଳିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।

## କ୍ଲଷ୍ଟର୍‌ସ୍ତରୀୟ ମାସିକ ବୈଠକ

**ଟାଙ୍ଗୀ,୨୧।୧୨(ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ ମଙ୍ଗଳାଯୋଡି ପଞ୍ଚାୟତର କାଉଟିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ସପ୍ତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୋଫାନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ସତ୍ୟ ନାରାୟଣ ପ୍ରଧାନ, ପ୍ରଥମ ଏଜୁକେସନ୍ ଫାଉଣ୍ଡେସନ୍ ସଂଗଠନର ବ୍ଲକ ସଂଯୋଜକ ସିଆଇଏମ ଅଭୟ ଦାଶ, ରାଜ୍ୟ ସଂଯୋଜକ ହିମାଂଶୁ ପତି, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନା, କାଟିଲାଗୋଠ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରା, ରାଉଳସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନତୀ ଦେଇ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲେ। ନୂଆପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ, ମାନିନୀ ସେନାପତି ଏଫଏଲଏନ ଆଦର୍ଶ ଶିକ୍ଷାଦାନ ଦେଇଥିଲେ। କୁନ୍ତଳା ସାହୁ ଏଫଏଲଏନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁକ୍ତେଶ୍ୱର କ୍ଲଷ୍ଟର ଅଧୀନସ୍ଥ ୧୨ଟି ସରକାରୀ ବିଦ୍ୟାଳୟରୁ ଏଫଏଲଏନ ଶିକ୍ଷକଙ୍କ ସହିତ ପ୍ରଧାନ ଶିକ୍ଷକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଆଏମ ଅଭୟ ଦାଶ ଓ ହିମାଂଶୁ ପତି ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ। ସିଆରସିସି ସତ୍ୟ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୀପିକା ମଣ୍ଡଳ, ସ୍ମିତା ନାୟକ, ସଂଯୁକ୍ତା ବେହେରା, ମନୋରମା ସାହୁ, ସ୍ୱାଗତିକା ରାଜ, ମୋନାଲିସା ବେହେରା, ବିଜୟାନନ୍ଦ ସାହୁ, ଯାମିନୀ ବେହେରା, ଶ୍ରେୟା ଦେଇ, ଦେବେନ୍ଦ୍ର ଜେନା, ରାମଚନ୍ଦ୍ର ପ୍ରଧାନ, ଶୈଳଜା ସେଠୀ, ମମତା ନାୟକ, ବିଷ୍ଣୁପ୍ରିୟା ସେଠୀ, ଟିକିନା ବାରିକ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଦେଶୀମଦ ଜବତ, ଅଭିଯୁକ୍ତ ଫେରାର



**ବେଗୁନିଆ,୨୧।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଚଢ଼ଉ କରି ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି। ବେଗୁନିଆ ଅବକାରୀ ବିଭାଗ ଏସ୍‌ଆଇ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ, ବେଗୁନିଆ ଥାନା ଅନ୍ତର୍ଗତ ଶିଉଳା ଜଙ୍ଗଲରୁ ଦେଶୀମଦ ପ୍ରସ୍ତୁତ ହେଉଥିବାର ଖବର ପାଇ ଚଢ଼ଉ କରି ୮୦୦ କେଜି ପୋଚ ଓ ୯୦ ଲିଟର ଦେଶୀମଦ ଜବତ କରି ନଷ୍ଟ କରାଯାଇଛି। ଅପରପକ୍ଷରେ ଅଭିଯୁକ୍ତ ଜଣକ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

